OPPO Reno7 5G
2023.04.14 19:17

ପ୍ରେସ ନୋଟ

# ବାବା ସାହେବ ଡଃ.ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ।

ଅନୁଗୋଳ,ତା.୧୪.୪:- ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ଡଃ. ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ୧୩୨ ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନରେ ବଅଁରପାଳ ସେବାଶ୍ରମ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସେବାଶ୍ରମ ପରିସରରେ ଆୟୋଜିତ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୁବାଷ ଚନ୍ଦ୍ର ସାହୁ ଯୋଗ ଦେଇ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ଛାତ୍ରୀମାନଂକୁ ବାବା ସାହେବ ଆମ୍ବେଦକରଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ବାନ କରିଥିଲେ । ମୁଖ୍ୟବକ୍ତା ଭାବରେ ସେବାଶ୍ରମର ବରିଷ୍ଠ କର୍ମକର୍ତ୍ତା ଶ୍ରୀ ଲଳିତ ମୋହନ ବେହେରା ଉପଯୁକ୍ତ ଜ୍ଞାନ ଓ ବିଦ୍ୟା ଅର୍ଜନ କରି କଠିନ ପରିଶ୍ରମ ଓ ନିଜର ଅଧ୍ୟବସାୟ ବଳରେ ନିଷ୍ଠାର ସହିତ କର୍ତ୍ତବ୍ୟ କରିବାକୁ ଛାତ୍ରୀମାନଂକୁ ପରାମର୍ଶ ଦେଇଥିଲେ । ଆମେ ସମସ୍ତେ ପାଠ ପଢି ନିଜ ଜୀବନକୁ ଉନ୍ନତ ମାନ ପ୍ରଦାନ କରିବା ସମେତ ପରିବାର ଓ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ନିମନ୍ତେ ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧି କାରୀ ଶ୍ରୀ କୈଳାଶ ଚନ୍ଦ୍ର ବେହେରା ସମସ୍ତଂକୁ ସ୍ବାଗତ ଜଣାଇବା ସହ ଆମ୍ବେଦକରଙ୍କ ଦୁଃଖ ଭରା ବାଲ୍ୟ ଜୀବନ ଠାରୁ ଭାରତ ରତ୍ନ ବାବାସାହେବ ଡଃ. ଭୀମ ରାଓ ରାମଜୀ ଆମ୍ବେଦକର ହେବା ପର୍ଯ୍ୟନ୍ତ ଯେଉଁ ସବୁ ସୋପାନ ଦେଇ ଗତି କଲେ ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରୁ ଡକ୍ଟରେଟ ଉପାଧି ପାଇବା ପରେ ଭାରତରେ ବିତ୍ତୀୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ତାଙ୍କ ପ୍ରଚେଷ୍ଟାରେ ସ୍ବାଧୀନତା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସ୍ଥାପନା କରାଯାଇଥିଲା । ତାଙ୍କ ଜୀବନର ମୂଳ ଲକ୍ଷ୍ୟ ଥିଲା ଦଳିତ, ଶୋଷିତ,ନିଷ୍ପେଷିତ,ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କୁ ଶିକ୍ଷା ମାଧ୍ୟମରେ ସଚେତନ କରାଇ ସମାଜର ଉଚ୍ଚ ବର୍ଗର ଲୋକମାନଙ୍କ ସହିତ ବଞ୍ଚିବାର ସମାନ ଅଧିକାର ପ୍ରଦାନ କରିବା । ଏହି ମର୍ମରେ ସେ ସମସ୍ତଙ୍କୁ 'ଶିକ୍ଷା ହିଁ ଅସ୍ତ୍ର' ବାର୍ତ୍ତା ପ୍ରଦାନ କରିଥିଲେ ଏବଂ ଦଳିତ ଶ୍ରେଣୀର ଲୋକମାନଙ୍କ ଶିକ୍ଷାର ପ୍ରସାର ପାଇଁ ଭରପୁର ପ୍ରୟାସ କରିଥିଲେ ବୋଲି ବିଦ୍ୟାଳୟର ଆନ୍ତେବାସୀ ଏବଂ ସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୂର୍ଣ୍ଣିମା ପାତ୍ର ସମସ୍ତ ଛାତ୍ରୀମାନଙ୍କୁ ଭଲ ପାଠ ପଢି ଉଚ୍ଚଶିକ୍ଷିତା ହେବା ପାଇଁ ଏବଂ ପରିବାରର ସୁନାମ ଆଣିବା ପାଇଁ ସମସ୍ତେ ଡଃ. ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ । ସେବାଶ୍ରମର ଛାତ୍ରୀ ସଙ୍ଗିନୀ ମୁର୍ମୁ ମୁଁ ଭଲ ପାଠ ପଢି ବଡ ହେଲେ ବାବାସାହେବଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ପରିବାର,ସମାଜ ଓ ଦେଶ ପାଇଁ କାର୍ଯ୍ୟ କରିବି ବୋଲି କହିଥିଲେ । ଏହି ଜୟନ୍ତୀ ସମାରୋହରେ ଅନ୍ୟମାନଂକ ମଧ୍ୟରେ ସେବାଶ୍ରମର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ,ସହକାରୀ କର୍ମଚାରୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ । ସହକାରୀ ଶିକ୍ଷକ ଶ୍ରୀ ନରୋତ୍ତମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୦୦ ତା.୧୪.୦୪.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


OPPO Reno7 5G


ଡ଼ଃ ବାବା ସାହେବ ବି.ଆର. ଆମ୍ବେଦକର
ଜୟନ୍ତୀ ସମାରୋହ
ଅନୁଗୋଳ
OPPO Reno7 5G
2023.04.14 10:04


OPPO Reno7 5G
2023.04.14 09:12


OPPO Reno7 5G
2023.04.14 09:10


ସମ୍ବିଧାନ ପ୍ରଣେତା
ବାବାସାହେବ ଡକ୍ଟର ଭୀମରାଓ ରାମଜୀ
ଏମ୍.ଏ, ପିଏଚ୍.ଡି, ଡି.ଏସ୍‌ସି, ଏଲ୍‌ଏଲ୍.ଡି, ଡି.ଲିଟ୍.
ଜନ୍ମ-ତା-୧୪-୦୪-୧୮୯୧
ମହାପ୍ରୟାଣ-ତା-୦୬-୧୨-୧୯୫୬
ସୌଜନ୍ୟ-ବାବାସାହେବ ଆମ୍ବେଦକର
ସ୍ଥାପନ-ତା-୧୪-୦୪-୨୦୦୫